## ସଂକ୍ଷେପରେ

### ୨ ବ୍ରାଉନସୁଗାର ବେପାରୀ ଅଟକ

ରୂପ୍‌ସା,୧।୯(ଡି.ଏନ.ଏ.)- ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ଅଞ୍ଚଳରେ ବୁଧବାର ବସ୍ତା ଥାନା ପୋଲିସ ଚଢ଼ାଉ କରି ରାମଚନ୍ଦ୍ରପୁର ଗ୍ରାମର ୨ବ୍ରାଉନସୁଗାର ବେପାରୀଙ୍କୁ ଅଟକ ରଖିଛି। ସେମାନଙ୍କଠାରୁ ବିପୁଳ ପରିମାଣର ବ୍ରାଉନସୁଗାର ଜବତ ହୋଇଛି। ଆଇଆଇସି ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ଏସ୍‌ଆଇ ରାଜଲକ୍ଷ୍ମୀ ନାୟକ ସଦଳବଳେ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରିଥିଲେ। ଦୀର୍ଘଦିନ ଧରି ଏଠାରେ ଚୋରାରେ ବ୍ୟବସାୟ ଚାଲୁଥିବା ଅଭିଯୋଗ ହୋଇଥିଲା।

### ଚୋରା ରେଳ ଟିକେଟ ଧରପଗଡ଼

**ରେଳବାଇ ପୋଲିସ୍ ଦ୍ୱାରା ଜଣେ ଗିରଫ**

ଜଳେଶ୍ୱର,୧।୯(ଡି.ଏନ.ଏ.) କରୋନା କଟକଣା ଉଠିବା ପରେ ଏବେ ଧିରେ ଧିରେ ଜୀବନଯାତ୍ରା ସ୍ୱାଭାବିକ ହେବାରେ ଲାଗିଛି । ତେଣୁ ଅନ୍ୟ ରାଜ୍ୟରେ ରହି କାର୍ଯ୍ୟ କରୁଥିବା ଯୁବକମାନେ ଫେରିବାଲାଗି ବ୍ୟସ୍ତ ହୋଇ ପଡ଼ିଛନ୍ତି। କେତେକ ଯୁବକ ଏହାର ଫାଇଦା ଉଠାଇବା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଟ୍ରେନ ଟିକେଟ୍ ବୁକିଂ କରି ଯାତ୍ରୀଙ୍କଠାରୁ ୨ଗୁଣା ଅର୍ଥ ଆଦାୟ କରୁଛନ୍ତି । ଏପରି ଏକ ର୍‌ୟାକେଟ ବାଲେଶ୍ୱର ଜିଲାର ଜଳେଶ୍ୱର ଅଞ୍ଚଳରେ ସକ୍ରିୟ ଥିବା ଜଣାପଡ଼ିଛି। ରେଳ କର୍ତ୍ତୃପକ୍ଷ ଏହା ଜାଣି ଆର୍‌ପିଏଫ ଓ ଜିଆର୍‌ପିକୁ ତଦନ୍ତଲାଗି ନିର୍ଦ୍ଦେଶ ଦେଇଥିଲେ। ବୁଧବାର ପୂର୍ବାହ୍ନରେ ରେଳବାଇ ପୋଲିସ୍‌ର ଏକ ଟିମ୍ ଜଳେଶ୍ୱରର ପୁରୁଣା କୋର୍ଟ ପରିସରରେ ଥିବା ଏକ କମ୍ପ୍ୟୁଟର ସେଣ୍ଟର ଉପରେ ଚଢ଼ାଉ କରିଥିଲେ । ଜଳେଶ୍ୱର ଥାନା ଅନ୍ତର୍ଗତ ସୁଖିଦୁଖିଆ ଗାଁର ବସନ୍ତ କୁମାର ମଣ୍ଡଳ ଏପରି ଟିକଟ ଦେଉଥିବା ଜାଣିପାରି ପୋଲିସ ତାଙ୍କୁ ଗିରଫ କରିବା ସହ କାଗଜପତ୍ର, କମ୍ପ୍ୟୁଟର ଜବତ କରିଛି ।

### ଛତୁଚାଷ କର୍ମଶାଳା

ଲଙ୍ଗଳେଶ୍ୱର,୧।୯(ଡି.ଏନ.ଏ.)- ଗ୍ରାମାଞ୍ଚଳର ବେକାର ଯୁବତୀ ଯୁବକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ତରଫରୁ ବାଲେଶ୍ୱର କୃଷି ବିଜ୍ଞାନ କେନ୍ଦ୍ର, ବାଲିଆପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଛତୁ ଚାଷ ତାଲିମ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ କୃଷି ଗବେଷଣା କେନ୍ଦ୍ରର (ଗୃହବିଜ୍ଞାନ) ବୈଜ୍ଞାନିକ ଡ. ଅମିତା ରାଣୀ ପାତ୍ର, ବରିଷ୍ଠ ବୈଜ୍ଞାନିକ ଡ. ସ୍ୱାଗତିକା ସାହୁ, କୃଷି ବୈଜ୍ଞାନିକ ପ୍ରଭାମଞ୍ଜରି ଗିରି, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ନିରୋଜ କୁମାର ଜେନା ଓ ରଘୁନାଥ ସୋରେନ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏଥିରେ ଛତୁ ଚାଷ କରି କେମିତି ସ୍ୱାବଲମ୍ବୀ ଓ କିପରି ଅଧିକ ଅମଳ ହୋଇ ପାରିବ ସେ ବାବଦରେ ଜିଲା ୭ଟି ବ୍ଲକ ଭୋଗରାଇ, ଜଳେଶ୍ୱର, ବାଲିଆପାଳ, ରେମୁଣା, ବସ୍ତା, ବାଲେଶ୍ୱର ସଦର ଓ ସୋର ବ୍ଲକର ୨୦ ଜଣ ଛତୁ ଚାଷୀଙ୍କୁ ତାଲିମ ଦିଆଯାଇଥିଲା। ସେମାନଙ୍କୁ ତାଲିମ ପ୍ରମାଣ ପତ୍ର ଯୋଗାଇ ଦିଆଯିବ ବୋଲି ବୈଜ୍ଞାନିକ ଡ. ପାତ୍ର ସୂଚନା ଦେଇଛନ୍ତି।

# ‘ଟଙ୍କା ନ ଦେଲେ ଦଫା କୋହଳ କରିଦେବି’

ବାଲେଶ୍ୱର ଅଫିସ,୧।୯

- ଅଭିଯୋଗକାରୀଙ୍କୁ ଧମକ ଦେଲେ ଫାଣ୍ଡି ଅଧିକାରୀ
- ଫେରାଦ ପରେ ରିପୋର୍ଟ ମାଗିଲେ ଏସ୍‌ପି

ବାଲେଶ୍ୱର ଜିଲା ପୋଲିସ ସେବା ଇତିହାସରେ ଆଉ ଏକ କଳଙ୍କିତ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ଟଙ୍କା ନ ଦେଲେ ଅଭିଯୁକ୍ତଙ୍କ ବିରୋଧରେ କୋହଳ ଦଫା ଲଗାଇ ଦେବି ବୋଲି ଖନ୍ତାପଡ଼ା ଥାନା ଅଧୀନ ସେରଗଡ଼ ଫାଣ୍ଡି ଅଧିକାରୀ ଫୋନ ଯୋଗେ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ସ୍ତ୍ରୀଙ୍କୁ କହିବା ଚର୍ଚ୍ଚାର ବିଷୟ ହୋଇଛି। ଏସଂକ୍ରାନ୍ତରେ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କଠାରେ ଲିଖିତ ଅଭିଯୋଗ ହେବାରୁ ସେ ଥାନା ଅଧିକାରୀଙ୍କଠାରୁ ଘଟଣା ସମ୍ପର୍କରେ ରିପୋର୍ଟ ମାଗିଛନ୍ତି। ସୂଚନା ଅନୁଯାୟୀ, ସେରଗଡ଼ ଛକରେ ସେଲୁନ୍ କରିଥିବା ଜଳଧର ବାରିକ ଦୋକାନ ବନ୍ଦ କରି ଗତ ୨୭ ତାରିଖ ରାତି ୮ଟା ସମୟରେ ଖନ୍ତାପଡ଼ା ଥାନା ଅନ୍ତର୍ଗତ ବାହାଳ ଗ୍ରାମ ସ୍ଥିତ ଘରକୁ ଫେରୁଥିଲେ। ଏହି ସମୟରେ ସେରଗଡ଼ ଗ୍ରାମର ଯୋଡ଼ା ରାଉତ ଓ ଛୁଆ ରାଉତ, ବିରୁଆଁ ଗ୍ରାମର ବାବୁ ଭୋଇ, କୁରୁଡ଼ା ଅଞ୍ଚଳର କାଳିଆଙ୍କ ସମେତ ଅନ୍ୟ ୩ଜଣ ଅଚିହ୍ନା ଯୁବକ ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ତାଙ୍କ ନିକଟରେ ଥିବା ୨୦ହଜାର ଟଙ୍କା, ମୋବାଇଲ୍, ମୋଟରସାଇକେଲ ଛଡ଼ାଇ ନେଇ ଲୁହାଛଡ଼ରେ ମାଡ଼ ମାରିବା ସଙ୍ଗେ ସଙ୍ଗେ ଭୁଜାଲିରେ ହାଣି ରକ୍ତାକ୍ତ ଅବସ୍ଥାରେ ଛାଡ଼ି ପଳାଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚି ତାଙ୍କୁ ସଙ୍ଗେ ସଙ୍ଗେ ୧୦୮ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସ୍ୱାମୀଙ୍କ ଜୀବନ ସଙ୍କଟାପନ୍ନ ଥିବାବେଳେ ଗତ ୨୮ ତାରିଖରେ ସେରଗଡ଼ ଫାଣ୍ଡିରେ ଆକ୍ରମଣକାରୀଙ୍କ ନାମରେ ଜଳଧରଙ୍କ ସ୍ତ୍ରୀ ରଞ୍ଜିତା ଲିଖିତ ଅଭିଯୋଗ କରିଥିଲେ। ଏନେଇ ଖନ୍ତାପଡ଼ା ଥାନାରେ ଏକ ମାମଲା (ନଂ.୨୪୫/୨୧) ରୁଜୁ କରାଯାଇଛି। ପରେ ଘଟଣାର ତଦନ୍ତ କରୁଥିବା ସେରଗଡ଼ ଫାଣ୍ଡି ଅଧିକାରୀ ରଞ୍ଜିତାଙ୍କୁ ଫୋନ୍ କରି ଟଙ୍କା ମାଗିଥିଲେ। ନ ଦେବାରୁ ଅଭିଯୁକ୍ତଙ୍କ ନାମରେ ସାମାନ୍ୟ ଦଫା ଲଗାଇ ମାମଲାକୁ ରଫାଦଫା କରିବାକୁ ହୀନ ଚକ୍ରାନ୍ତ କରୁଥିବା ରଞ୍ଜିତା ବୁଧବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପି ମିଶ୍ର ଅଭିଯୋଗ ପାଇବା ପରେ ଆକ୍ରମଣର ଭିଡିଓ ଫୁଟେଜ୍ ଓ ଫଟୋ ଦେଖି ମାମଲାରେ ଲାଗିଥିବା ଦଫାକୁ ଅନୁଧ୍ୟାନ କରି କ୍ଷୁବ୍ଧ ହୋଇଥିଲେ। ସଙ୍ଗେ ସଙ୍ଗେ ସମ୍ପୃକ୍ତ ଥାନାର ଅଧିକାରୀଙ୍କ ସହ ଆଲୋଚନା କରି ଘଟଣାର ସତ୍ୟାସତ୍ୟ ସମ୍ପର୍କରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏ ସମ୍ପର୍କରେ ସେରଗଡ଼ ଫାଣ୍ଡି ଅଧିକାରୀ କ୍ରୀଷ୍ଣା ପିଙ୍ଗୁଆଙ୍କୁ ପଚାରିବାରୁ ଉକ୍ତ ମାମଲାର ସେ ତଦନ୍ତକାରୀ ଅଧିକାରୀ ଅଟନ୍ତି। କିନ୍ତୁ ଯେଉଁ ସବୁ ଦଫା ଲାଗିଛି ତାହା ଖନ୍ତାପଡ଼ା ଥାନାରେ ପଞ୍ଜିକରଣ କରିଥିବା ପୋଲିସ ଲଗାଇଛନ୍ତି। ସେଥିରେ ମୋର କୌଣସି ହାତ ନାହିଁ। ଟଙ୍କା ମାଗିଥିବା ଅଭିଯୋଗକୁ ଖଣ୍ଡନ କରି ସେ କହିଛନ୍ତି ଯେ, ସ୍ୱାର୍ଥ ପୂରଣ ନ ହେବାରୁ ତାଙ୍କ ବିରୋଧରେ ଏଭଳି ମିଥ୍ୟା ଅଭିଯୋଗ କରାଯାଇଥିବା କହିଛନ୍ତି।



ଏସ୍‌ପି ଅଫିସ୍ ପରିସରରେ ଆକ୍ରମଣର ଶିକାର ବ୍ୟକ୍ତିଙ୍କ ପରିବାର ଲୋକେ।

## ପୌରାଞ୍ଚଳରେ ଫଳଚାରା ବଣ୍ଟନ

ବାଲେଶ୍ୱର ଅଫିସ,୧।୯

ବାଲେଶ୍ୱର ସହର ଅରଡ଼ବଜାର ସ୍ଥିତ ଡ୍ରିମସ୍ ଆଇଡିଆଲ୍ ସ୍କୁଲ୍ ପ୍ରାଙ୍ଗଣରେ ‘ଆମ ବାଲେଶ୍ୱର’ ସଂଗଠନ ପକ୍ଷରୁ ଫଳ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ‘ଆମ ବାଲେଶ୍ୱର’ର ସମ୍ପାଦକ ଭୁବାନନ୍ଦ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସମାଜିକକର୍ମୀ ସୁବାସିନୀ ଜେନା ଯୋଗଦେଇ ଫଳବୃକ୍ଷ ଚାରାରୋପଣର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବରିଷ୍ଠ ରୋଟାରିଆନ୍ ସୁବ୍ରତ କର ବକ୍ତବ୍ୟ ଦେଇଥିଲେ। ନିରଞ୍ଜନ ପରିଡ଼ା, ଜୟନ୍ତ ବେହେରା, ପ୍ରିୟ ମହାନ୍ତି, ଚିତ୍ତରଞ୍ଜନ ଜେନା, ଦିବାକର ସ, ଗୌରାଙ୍ଗ ପାଣିଗ୍ରାହୀ, ରଞ୍ଜିତା ମହାପାତ୍ର, ଭାବଗ୍ରାହୀ ମହାନ୍ତି, ଶେଖ ମୁକ୍ତାର ମହମ୍ମଦ, ମନୋଜ ପାତ୍ର, ଗଙ୍ଗାଧର ଦାସ, ଆବୁ ତେହାର, ମହମ୍ମଦ ୱାସିମ୍, ଫରହା ସୁଲତାନା, ରଞ୍ଜିତା ମହାପାତ୍ର ଓ ସୌଭାଗ୍ୟଲକ୍ଷ୍ମୀ ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

## ଟିପିଏନ୍‌ଓଡିଏଲ୍ ଅଧିକାରୀଙ୍କ ସହ ଏମ୍‌ପିଙ୍କ ଆଲୋଚନା



ଟିପିଏନ୍‌ଓଡିଏଲ୍ ଅଧିକାରୀଙ୍କ ସହ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଆଲୋଚନା କରୁଛନ୍ତି।

ବାଲେଶ୍ୱର ଅଫିସ,୧।୯

ବାଲେଶ୍ୱର ସର୍କିଟ୍ ହାଉସ୍‌ଠାରେ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍‌ଓଡ଼ିଏଲ୍)ର କାର୍ଯ୍ୟରତ ଆଉଟ୍ ସୋର୍ସିଙ୍ଗ କର୍ମଚାରୀଙ୍କ ସ୍ଥାୟୀତ୍ୱ ସମ୍ପର୍କରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାସ୍କର ସରକାର ଓ ମାନବ ସମ୍ବଳ ଅଧିକାରୀ ଶ୍ରୀବଲ୍ଲଭ ସିଂଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟତଃ ୫ଟି ଜିଲାରେ କାର୍ଯ୍ୟରତ (ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ଓ ଭଦ୍ରକ) ୭୫୦ ଜଣ ଆଉଟ୍ ସୋର୍ସିଙ୍ଗ କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରାଯିବ ନାହିଁ ଏବଂ ସେମାନଙ୍କୁ ନିୟମିତ କରିବା ପାଇଁ ଖୁବ୍ ଅଳ୍ପ ଦିନ ମଧ୍ୟରେ ବିଭାଗୀୟ ପଦକ୍ଷେପ ନିଆଯିବ ବୋଲି ଟିପିଏନ୍‌ଓଡ଼ିଏଲ୍‌ର ଅଧିକାରୀମାନେ ଏମ୍‌ପି ଷଡ଼ଙ୍ଗୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଆଲୋଚନା ସମୟରେ ଶକ୍ତି କର୍ମଚାରୀ ସଂଘର ସଭାପତି ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସମ୍ପାଦକ ଡ. ଅନ୍ତର୍ଯ୍ୟାମୀ ମହାପାତ୍ର, ନିମାଇଁ ରାଉତରାୟ, ଜିଲା ଭାଜପା ସଭାପତି ଉମାକାନ୍ତ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଜବତ ହେଲା ୨ ଡମ୍ଫର

ବାଲିଆପାଳ,୧।୯(ସ୍ୱ.ପ୍ର)

ବାଲେଶ୍ୱର ଜିଲା ବାଲିଆପାଳ ତହସିଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରତ୍ୟେକ ଦିନ ବେଧଡ଼କ ବେଆଇନ ବାଲି, ମାଟି, ଚିପ୍ସ ଚୋରା ଚାଲଣ ଚାଲିଛି। ପ୍ରଶାସନକୁ ଚକ୍‌ମା ଦେଖାଇ ଚୋରାଚାଲାଣକାରୀମାନେ ଦିନ ରାତି ବେଆଇନ୍ ଲଘୁ ଏବଂ ଗୁରୁ ଖଣିଜ ପଦାର୍ଥ ଚୋରାଚାଲାଣ ଜାରି ରଖିଛନ୍ତି। ଏହି ଚୋରା ଚାଲାଣକୁ ଦୃଷ୍ଟିରେ ରଖି ବୁଧବାର ବାଲିଆପାଳ ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ର ସଦଳବଳେ ବ୍ଲକ ଛକ ନିକଟରେ ଭାରୀଯାନ ମାନଙ୍କର ପରିବହନ କାଗଜ ପାତ୍ର ଯାଞ୍ଚ କରୁଥିବା ସମୟରେ ଦୁଇଟି ଡମ୍ଫରକୁ ଜବତ କରିଥିଲେ। ବାଲିଆପାଳ ତହସିଲ ନିରୀକ୍ଷକ ମନୋଜ କୁମାର ଗିରି, ସଦର ରାଜସ୍ୱ ନିରୀକ୍ଷକ କାଳୀଚରଣ ମାଝିଙ୍କ ସହିତ ଅନ୍ୟ ତହସିଲ କର୍ମଚାରୀ ଯାଞ୍ଚ ସମୟରେ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଉପଭୋକ୍ତା କର୍ମଶାଳା

ବାଲେଶ୍ୱର ଅଫିସ,୧।୯

ବାଲେଶ୍ୱର ସଦର ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପ୍ରଶାସନ ଓ ‘ଭରସା’ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ଏକଦିବସୀୟ ଉପଭୋକ୍ତା ସଚେତନତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ତଥା ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ପ୍ରଦୀପ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସହକାରୀ ନିୟନ୍ତ୍ରକ, ଓଜନ ଓ ମାପ ବିଭାଗର ଅଧିକାରୀ ଭାସ୍କର ଚନ୍ଦ୍ର ବେହେରା ଯୋଗଦେଇ ଥିଲାବେଳେ ରିସୋର୍ସ ପର୍ସନ୍ ଭାବେ ବାଲେଶ୍ୱର ବାର ଆସୋସିଏସନ୍‌ର ସଭାପତି ଆଇନଜୀବୀ ମନୋଜ କୁମାର ନାୟକ ଓ ଆଇନଜୀବୀ ଚକ୍ରଧର ମହାନ୍ତି ଯୋଗଦେଇ ଉପଭୋକ୍ତା ଆଇନ୍‌ର ବ୍ୟାପକତା ଉପରେ ଚର୍ଚ୍ଚା କରିଥିଲେ ଏବଂ ଗ୍ରାହକମାନଙ୍କ ନିମନ୍ତେ ବିଭିନ୍ନ ଆଇନ୍ ଉପରେ ଆଲୋଚନା କରିଥିଲେ।

ଉକ୍ତ କାର୍ଯ୍ୟକ୍ରମକୁ ‘ଭରସା’ ଅନୁଷ୍ଠାନର ସମ୍ପାଦକ ଯାଦବେଶ ମିଶ୍ର ସଞ୍ଚାଳନ କରିଥିବା ବେଳେ ବିଭିନ୍ନ ଉପଭୋକ୍ତା ସଙ୍ଗଠନର କର୍ମକର୍ତ୍ତା ମହିଳା ସଙ୍ଗଠନର ନେତ୍ରୀ ତଥା ଅଙ୍ଗନୱାଡ଼ି କର୍ମୀ ଏବଂ ବିଭିନ୍ନ କ୍ଲବର ସଦସ୍ୟ ଯୋଗଦେଇଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ସମାଜସେବୀ ମମତା ଦାସ ପରିଚାଳନା କରିଥିବା ବେଳେ ଜିଲା ଖାଉଟି ଅଦାଲତର କର୍ମଚାରୀ ମନୋରଞ୍ଜନ ଆଚାର୍ଯ୍ୟ, ପ୍ରଫୁଲ୍ଲ ମହାନ୍ତି, ଜ୍ୟୋତିରଞ୍ଜନ ବଡ଼ଜେନା, ଜୟନାରାୟଣ ବେହେରା, ରଶ୍ମିରଞ୍ଜନ ଜେନା, ଅବନି କୁମାର ଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଦୁର୍ଘଟଣା ରୋକିବା, ଟ୍ରାଫିକ୍ ନିୟମ ପାଳନ ଉପରେ ଗୁରୁତ୍ୱ

**ଜିଲା ସଡ଼କ ସୁରକ୍ଷା କମିଟି ବୈଠକ**

ବାଲେଶ୍ୱର ଅଫିସ,୧।୯

ବାଲେଶ୍ୱର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଅଧକ୍ଷତା କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମୀ ରଞ୍ଜିତ ଦଳବେହେରାଙ୍କ ଦ୍ୱାରା ଗତ ମାସର ବୈଠକର ବିବରଣୀ ଉପସ୍ଥାପନ ସହ ସେ ବାବଦରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ସମୀକ୍ଷା କରାଯାଇଥିଲା। ରାସ୍ତା ଦୁର୍ଘଟଣା ଓ ଜୀବନହାନୀ ହ୍ରାସ ପାଇଁ ବିଭିନ୍ନ ସମୟରେ ଦିଆଯାଇଥିବା ନିର୍ଦ୍ଦେଶନାମାର କଡ଼ାକଡ଼ି ଅନୁପାଳନ, ଦ୍ରୁତ ଗତି ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ଦୁର୍ଘଟଣା ବାବଦରେ ଠିକ୍ ସମୟରେ ମିଳିତ ତଦନ୍ତ ରିପୋର୍ଟ ପ୍ରଦାନ ଇତ୍ୟାଦି ଉପରେ ବୈଠକରେ ସମୀକ୍ଷା କରାଯାଇଥିଲା। ବିଶେଷ କରି ଦୁର୍ଘଟଣା ଘଟିବାର ୨୪ ଘଣ୍ଟା ମଧ୍ୟରେ ମିଳିତ ସରଜମିନ୍ ତଦନ୍ତ କରି ରିପୋର୍ଟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ତେବେ ଅଧିକାଂଶ ସମୟରେ ରୋଡ୍ ଇଞ୍ଜିନିୟରଙ୍କ ଅନୁପସ୍ଥିତି ଯୋଗୁଁ ମିଳିତ ତଦନ୍ତ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ସେ ଦିଗରେ ତତ୍ପରତା ପ୍ରକାଶ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା।

ରାସ୍ତା ମରାମତି, ଜାତୀୟ ରାଜପଥରେ ଡାଇଭର୍ସନ ଚିହ୍ନଟ, ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୨୪ ଘଣ୍ଟା କର୍ମଚାରୀ ମୁତୟନ, ଡାଇଭର୍ସନ୍‌ରେ ସାଇନବୋର୍ଡ ଲଗାଇବା, ହେଲମେଟ ଚେକିଂ ସହ ନାବାଳକଙ୍କ ଗାଡ଼ ଚାଳନାକୁ ରୋକିବା ଉପରେ ସମିତିରେ ଆଲୋକପାତ କରାଯାଇଥିଲା। ସେହିପରି ବାରମ୍ବାର ଦୁର୍ଘଟଣା ଘଟୁଥିବା ଜିଲାର ବ୍ଲାକ ସ୍ପଟଗୁଡିକର ଅନୁଧ୍ୟାନ କରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣଙ୍କ ଏକ ଉଚ୍ଚସ୍ତରୀୟ ଟିମ୍ ଆସନ୍ତା ୧୪ତାରିଖରେ ବାଲେଶ୍ୱର ଆସିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳ ସେନ ଜଗଦେବଙ୍କ ସମେତ ପୋଲିସ୍ ଅଧିକାରୀ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଧିକାରୀ, ଜିଲା ସଡ଼କ ସୁରକ୍ଷା ସମିତିର ସଦସ୍ୟ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ବିଭିନ୍ନ ପରିବହନ ସଙ୍ଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।



ବୈଠକରେ ଉପସ୍ଥିତ ଜିଲା ସଡ଼କ ସୁରକ୍ଷା କମିଟିର ସଦସ୍ୟମାନେ।

## ଟ୍ରାକ୍ଟର ମାଲିକ ସଂଘର ବୈଠକ

ବାଲିଆପାଳ,୧।୯(ସ୍ୱ.ପ୍ର)

ବାଲେଶ୍ୱର ଜିଲା ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବୁଧବାର ବାଲିଆପାଳ ବ୍ଲକରେ ନବନିର୍ମିତ ଟ୍ରାକ୍ଟର ମାଲିକ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ସଭାପତି ବଳରାମ ସାହୁ ସଭାପତିତ୍ୱ କରି ଟ୍ରାକ୍ଟର ମାଲିକଙ୍କୁ ଏକତା ସୂତ୍ରରେ ବାନ୍ଧି ରହିବାକୁ ଆହ୍ୱାନ ଦେବା ସହିତ ଯେକୌଣସି ଟ୍ରାକ୍ଟର ମାଲିକର ଟ୍ରାକ୍ଟର ଅସୁବିଧାର ସମ୍ମୁଖୀନ ହୁଏ ତାହେଲେ ନବ ଗଠିତ ଟ୍ରାକ୍ଟର ମାଲିକ ସଂଘ ନିଶ୍ଚିତ ଭାବରେ ତାର ସମସ୍ୟା ସମାଧାନ କରିବ ବୋଲି ନିଷ୍ପତ୍ତି ନିଆଯାଇଥିବା କଥା ପ୍ରକାଶ କରିଥିଲେ। ଏହାବ୍ୟତୀତ ବାଲିଆପାଳ ଥାନା ଭାରପ୍ରାପ୍ତ ଅଧିକାରୀ ପର୍ଶୁରାମ ସାହୁ ଏବଂ ବାଲିଆପାଳ ତହସିଲର ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ରଙ୍କୁ ବାଲିଆପାଳ ନବ ଗଠିତ ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ପୁଷ୍ପ ଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇବା ସହିତ ସଂଘ ବିଷୟରେ ସୂଚନା ଦିଆ ଯାଇଥିଲା। ଅମିତ ପଟ୍ଟନାୟକ, ସୌମ୍ୟଜିତ ଚକ୍ରବର୍ତ୍ତୀ, ହରେକୃଷ୍ଣ ଜେନା ଏବଂ ଦକ୍ଷିଣ ବାଲିଆପାଳ ଟ୍ରାକ୍ଟର ମାଲିକ ସଂଘର ଉପସଭାପତି ଶଚିନ୍ଦ୍ର ପାତ୍ରଙ୍କ ସହିତ ବହୁ ଟ୍ରାକ୍ଟର ମାଲିକ ବୈଠକରେ ଉପସ୍ଥିତ ଥିଲେ।




ବୈଠକରେ ଯୋଗ ଦେଇଥିବା ଟ୍ରାକ୍ଟର ମାଲିକ ସଂଘର କର୍ମକର୍ତ୍ତା।

## ପୌର ନିର୍ବାଚନ ପାଇଁ ରଣନୀତି

**ଭାଜପାର କାର୍ଯ୍ୟକାରିଣୀ ବୈଠକ**

ବାଲେଶ୍ୱର ଅଫିସ,୧।୯

ବାଲେଶ୍ୱର ଭାଜପା ନଗର ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ବୁଧବାର ଏକ ଘରୋଇ ହୋଟେଲ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା ଏଥିରେ ସଭାପତିତ୍ୱ କରିଥିବା ବେଳେ ନଗର ସାଧାରଣ ସମ୍ପାଦକ ଯୋଗେନ ରଣା ଅତିଥି ପରିଚୟ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗଠନିକ ଅଭିବୃଦ୍ଧି, ସଂରଚନା ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ବିଷୟରେ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୌର ନିର୍ବାଚନ ପ୍ରଭାରୀ ତଥା ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଓ ପୌର ନିର୍ବାଚନ ଜିଲା ସଂଯୋଜକ ଲମ୍ବୋଦର ନାୟକ ଯୋଗଦେଇ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ରଣନୀତି ପ୍ରସ୍ତୁତ ପାଇଁ ପରାମର୍ଶ ଦେଇଥିଲେ।

ନଗର ଓବିସି ମୋର୍ଚ୍ଚା ସଭାପତି ସର୍ବେଶ୍ୱର ପାତ୍ର ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ। ବରିଷ୍ଠ କାର୍ଯ୍ୟକର୍ତ୍ତା କଲ୍ୟାଣ ରାୟ ମହାଶୟ, ମିହିର ବାରିକ, ସୀତା ମୁର୍ମୁ, ନାରାୟଣ ଦତ୍ତ, ଭଗବାନ ଗୁପ୍ତା ଓ ସମାଜସେବୀ ଅଞ୍ଜୁ ସରାଓଗିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଅଭିଭାଷଣ ଦେଇଥିଲେ। ନଗର କାର୍ଯ୍ୟକାରିଣୀ ସଦସ୍ୟ ପଙ୍କଜ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ଜିଲା ଉପସଭାପତି (ନଗର ମଣ୍ଡଳ ପ୍ରଭାରୀ) କମଲ ଲୋଚନ ଦାସ , ଜିଲା ସମ୍ପାଦିକା ପିଙ୍କି ପ୍ରଧାନ ଓ ସଶମିତ ଚାନ୍ଦ, ଜିଲା ସମ୍ପାଦକ ବିଭୁପଦ ଦାସ ମଞ୍ଚାସୀନ ଥିଲେ।




କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା।

## ସିଡିଏମ୍‌ଓ ଅଫିସ ଘେରିଲେ ମହିଳା ସ୍ୱାସ୍ଥ୍ୟକର୍ମୀ ଛାତ୍ରୀ

**ପ୍ରାକ୍ଟିକାଲ ନ ଜାଣିଲେ ସାର୍ଟିଫିକେଟ୍ କ’ଣ ହେବ**

ବାଲେଶ୍ୱର ଅଫିସ,୧।୯

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ଟ୍ରେନିଂ ସେଣ୍ଟରର ଛାତ୍ରୀମାନେ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କ ଅଫିସ ଘେରାଉ କରି ଧାରଣାରେ ବସିଛନ୍ତି। ଦାବି ଅନୁସାରେ ୨୦୧୯-୨୦ ବ୍ୟାଚ୍‌ର ପିଲାମାନେ ୨୦୧୯ ନଭେମ୍ବର ମାସରେ ସ୍ୱାସ୍ଥ୍ୟକର୍ମୀ ଟ୍ରେନିଂ ସେଣ୍ଟରରେ ଯୋଗଦେଇଥିଲେ। କରୋନା ପାଇଁ କିଛିଦିନ ପରେ ସେଣ୍ଟର ବନ୍ଦ ହୋଇଯାଇଥିଲା। ପରେ ଅନଲାଇନ୍ କ୍ଲାସ ମାଧ୍ୟମରେ ପିଲାମାନଙ୍କୁ ପାଠ ପଢ଼ା ଯାଉଛି। ଅଦ୍ୟାବଧି ସେଣ୍ଟର ଖୋଲାଯାଇ ନାହିଁ। ଦୁଇ ମାସ ପରେ ସେମାନଙ୍କର କୋର୍ସ ପୂରଣ ହେବ। କିନ୍ତୁ ସେମାନେ ପ୍ରାକ୍ଟିକାଲ ଓ ଗାଁ ଡ୍ୟୁଟି କରି ନ ଥିବାରୁ ସେମାନଙ୍କୁ ଇଞ୍ଜେକସନ୍ କେମିତି ଦିଆଯାଏ ତାହା ଜଣା ନ ଥିବା ଅଭିଯୋଗ କରିଛନ୍ତି। ପରୀକ୍ଷା ଦେଇ ପାସ୍ ପରେ ସାର୍ଟିଫିକେଟ୍ ମିଳିଯିବ, କିନ୍ତୁ ବିନା ପ୍ରାକ୍ଟିକାଲରେ ସେ ସାର୍ଟିଫିକେଟ୍‌ର ମୂଲ୍ୟ କ’ଣ ବୋଲି ଧାରଣାରତ ଛାତ୍ରୀ ରୋଜାଲିନ୍ ନାୟକ, ଗାୟତ୍ରୀ ଭଞ୍ଜ, ଶୁଭସ୍ମିତା ରାଉତ, ସତ୍ୟଭାମା ମହାପାତ୍ର ପ୍ରମୁଖ କହିଛନ୍ତି। ସେହିପରି ପ୍ରଥମବର୍ଷର ଛାତ୍ରୀମାନେ ମଧ୍ୟ କେବଳ ଅନଲାଇନ୍‌ରେ କ୍ଲାସ କରୁଥିବା ବେଳେ ସେମାନଙ୍କୁ ପରିଚୟପତ୍ର, ଡ୍ରେସ୍ ମିଳି ନାହିଁ ଓ ପ୍ରାକ୍ଟିକାଲର ମଧ୍ୟ ସୁଯୋଗ ପାଇ ନାହାନ୍ତି। ତେଣୁ ଦ୍ୱିତୀୟ ବର୍ଷର ଛାତ୍ରୀଙ୍କ ପାଇଁ ପ୍ରାକ୍ଟିକାଲ ବହୁ ଜରୁରୀ ଥିବା ଦାବି କରିଛନ୍ତି।

ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଦୁଲାଳ ସେନ ଜଗଦେବ କୁହନ୍ତି, ସ୍ୱାସ୍ଥ୍ୟକର୍ମୀ ଟ୍ରେନିଂ ସେଣ୍ଟର ଛାତ୍ରୀମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ଅଛି। ଟ୍ରେନିଂ ସେଣ୍ଟରର ବିଲ୍ଡିଂଟି ବିପଦପୂର୍ଣ୍ଣ ହୋଇଥିବା ବେଳେ ତାକୁ ବିଭାଗୀୟ ରହଣୀ ଉପଯୁକ୍ତ ନୁହେଁ ବୋଲି ଘୋଷଣା କରାଯାଇଛି। ନୂତନ ଟ୍ରେନିଂ ସେଣ୍ଟର ଓ ହଷ୍ଟେଲ ନିର୍ମାଣ ପାଇଁ ସରକାର ୪କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ଏହାସତ୍ତ୍ୱେ ଅନ୍ୟ ଏକ ଜାଗାରେ ଭଡ଼ା ଘରେ ମଧ୍ୟକାଳୀନ ହଷ୍ଟେଲ କରାଯାଇ ଛାତ୍ରୀମାନଙ୍କୁ ଶିକ୍ଷାର ବ୍ୟବସ୍ଥା ନିମନ୍ତେ ସରକାରଙ୍କୁ ଚିଠି ଲେଖାଯାଇଛି। ଏହା ଏକମାସ ଭିତରେ ପ୍ରସ୍ତୁତ କରାଯିବା ବୋଲି କହିଥିଲେ। ଏଥିସହିତ ୭ଦିନ ଭିତରେ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ପରିଚୟ ପତ୍ର ଓ ପୋଷାକ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଏଥିରେ ଦ୍ୱିତୀୟ ବର୍ଷର ଛାତ୍ରୀମାନେ ସନ୍ତୁଷ୍ଟ ନ ହୋଇ ତୁରନ୍ତ ସେଣ୍ଟର ଖୋଲିବା ଏବଂ ପ୍ରାକ୍ଟିକାଲ କରାଇବା ଦାବିରେ ଖବର୍ ଲେଖାଯିବା ପର୍ଯ୍ୟନ୍ତ ଧାରଣାରେ ବସିଥିବା ଦେଖିବାକୁ ମିଳିଛି।



ଧାରଣାରତ ମହିଳା ସ୍ୱାସ୍ଥ୍ୟକର୍ମୀ ଟ୍ରେନିଂ ସେଣ୍ଟରର ଛାତ୍ରୀମାନେ।

